**ବଜ୍ରପାତରେ ୨ ମଇଁଷି ମୃତ**

ନାଉଗାଁ,(ସ୍ୱ.ପ୍ର.): ନାଉଗାଁ ବ୍ଲକ ଅନ୍ତର୍ଗତ ରୋହିଆ ପଞ୍ଚାୟତ ଅନ୍ତର୍ଗତ ଅରଖକୁଦ ଗ୍ରାମରେ ଗୁରୁବାର ମଧ୍ୟାହ୍ନରେ ବଜ୍ରପାତ ଘଟି ୨ ମଇଁଷିଙ୍କ ମୃତ୍ୟୁ ଘଟିଛି। ମୃତ ମଇଁଷି ଦ୍ୱୟ ଲକ୍ଷ୍ମୀଧର ଦାସଙ୍କର ବୋଲି ଜଣାପଡ଼ିଛି। ଦେବୀ ନଦୀ ପଠାରେ ଦାସ ମଇଁଷି ଚରାଉଥିବା ବେଳେ ହଠାତ୍ ବର୍ଷା, ପବନ ଓ ବଜ୍ରପାତ ହୋଇଥିଲା। ଏହି ସମୟରେ ୨ ମଇଁଷି ଉପରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଛି। ଅପରାହ୍ନରେ ନାଉଗାଁ ପ୍ରାଣୀ ଚିକିତ୍ସାଳୟ ଅଧିକାରୀ ଡ.ରାଜା ଉଦୟ ଭାନୁ ରାୟ ପହଞ୍ଚି ମଇଁଷିର ମୃତଦେହ ବ୍ୟବଚ୍ଛେଦ କରାଇଛନ୍ତି। ତହସିଲଦାର ଜେ.କଳ୍ପନା ସେଠାରେ ପହଞ୍ଚି ତଦନ୍ତ କରିବା ସହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ବେଆଇନ ମଦ ବିକ୍ରି: ୨ କର୍ମଚାରୀ ଗିରଫ

ରାଜନଗର,୧୩।୫(ଡି.ଏନ.ଏ.): ଚଳିତବର୍ଷ ଲଟେରି କରାଯାଇ ମଦ ଦୋକାନଗୁଡିକୁ ଲାଇସେନ୍ସ ଦିଆଯାଇଛି। ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତରେ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଖୋଲିବାକୁ ଜଣେ ନୂତନ ବ୍ୟବସାୟୀଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଛି। ଲାଇସେନ୍ସଧାରୀ ପ୍ରଥମ ଥର ଲାଇସେନ୍ସ ପାଇଥିବାରୁ ତାଙ୍କର ଘର ନିର୍ମାଣ ଚାଲିଛି। ସେ ଚଳିତମାସ ୪ ତାରିଖରେ ଦୋକାନ ଖୋଲିବାକୁ ଡିପୋରୁ ମଦ ଉଠାଇଛନ୍ତି। ମାତ୍ର ଗୁରୁବାର ଦୋକାନ ଖୋଲା ଯାଇନାହିଁ। ସରକାର ୧୪ଦିନ ପାଇଁ ଲକ୍‌ଡାଉନ ଘୋଷଣା କରିବା ପରେ ମଦ ଦୋକାନକୁ ଅବକାରୀ ବିଭାଗ ପକ୍ଷରୁ ସିଲ୍ କରାଯାଇଛି। ମାତ୍ର ବିଦେଶୀ ମଦ ଦୋକାନରେ ପଛପଟରେ ମଦ ବିକ୍ରି କରାଯାଉଛି। ବୁଧବାର ଅଞ୍ଚଳବାସୀ ଓ ଖବରଦାତାମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ ମଦ କିଣୁଥିବା ଲୋକେ ଦୌଡି ପଳାଇ ଥିଲେ। ଲୋକେ ପହଞ୍ଚିବା ପରେ ମଦ ଦୋକାନର ଦୁଇ କର୍ମଚାରୀ ଭିତରେ ଲାଇଟ ବନ୍ଦ କରି ରହିଥିଲେ। ରାଜନଗର ଥାନା ଆଇଆଇସି ତପନ କୁମାର ନାୟକ ସଦଳବଳେ ପହଞ୍ଚି ମଦ କାଉଣ୍ଟର ଭିତରେ ଥିବା ଦୁଇ କର୍ମଚାରୀଙ୍କୁ ଡାକିଥିଲେ ମଧ ସେମାନେ ବାହାରି ନ ଥିଲେ। ରାତି ୮ଟାରୁ ୧୨ଟା ଯାଏ ଦୀର୍ଘ ୪ ଘଣ୍ଟା ଧରି ପୋଲିସକୁ ନାକେଦମ ହେବାକୁ ପଡିଥିଲା। ରାତି ୧୨ଟା ପରେ ଦୁଇ କର୍ମଚାରୀ ମହିଁଷାସୁର ଗାଁର ପ୍ରକାଶ ରାଉତ ଓ ବଡମ୍ବା ଅଞ୍ଚଳର ଶ୍ରୀକାନ୍ତ କୁମାର ପଣ୍ଡା ବନ୍ଦ ମଦ କାଉଣ୍ଟରରୁ ବାହାରି ଥିଲେ। ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ପଞ୍ଚମୁଖୀ ହନୁମାନ ମନ୍ଦିରରୁ ମୂର୍ତ୍ତି ଚୋରି

ପାଟକୁରା,୧୩।୫(ଡି.ଏନ୍.ଏ.):ପାଟକୁରା ଥାନା ଅଧୀନ ବଙ୍ଗାଳପୁର ପଞ୍ଚାୟତରେ ଥିବା ପଞ୍ଚମୁଖୀ ହନୁମାନ ମନ୍ଦିରରୁ ଏକ ରାମ ଲକ୍ଷ୍ମଣ ସୀତା ଓ ହନୁମାନଙ୍କ ପିତଳ ମୂର୍ତ୍ତି ଚୋରି ହୋଇଛି। ଏହି ମୂର୍ତ୍ତିକୁ ଗତ ପଣା ସଂକ୍ରାନ୍ତରେ ପ୍ରତିଷ୍ଠା କରାଯାଇଥିଲା। ଏହାର ମୂଲ୍ୟ ୫ ହଜାର ଟଙ୍କା ହେବ। ଏହି ମୂର୍ତ୍ତିକୁ ଜଣେ ମାନସିକଧାରୀ ତାଙ୍କର ମାନସିକ ପୂରଣ ନିମନ୍ତେ ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଦାନ କରିଥିଲେ। ହେଲେ ଏହି ମୂର୍ତ୍ତିକୁ ବୁଧବାର ରାତିରେ କିଏ ଚୋରି କରି ନେଇଛନ୍ତି। ଗୁରୁବାର ସକାଳୁ ମନ୍ଦିରର ପୂଜକ ଆଲେଖ ଚନ୍ଦ୍ର ପଣ୍ଡା ପୂଜା କରିବାକୁ ଯାଇ ମନ୍ଦିର ଖୋଲି ଦେଖନ୍ତି ତ ମୂର୍ତ୍ତି ନାହିଁ। ଏହା ଦେଖି ମନ୍ଦିର ପରିଚାଳନା କମିଟିର ସଭାପତି ସୁବାସ ସାମଲଙ୍କୁ ଖବର ଦେଇଥିଲେ। ତେବେ ଏ ସମ୍ପର୍କରେ ସ୍ଥାନୀୟ କୁଦାନଗରୀ ଫାଣ୍ଡିରେ ଅଭିଯୋଗ ହୋଇଛି।

### ବିବାହ ବେଳେ କୋଭିଡ ନିୟମ ଉଲ୍ଲଂଘନ: ମାମଲା ରୁଜୁ

ପାରାଦୀପ,୧୩।୫(ସ୍ୱ.ପ୍ର.):ପାରାଦୀପ ଲକ୍ ଥାନା ଅନ୍ତର୍ଗତ ବାଲିଡିଆ ଗ୍ରାମରେ ବିବାହ ବେଳେ କୋଭିଡ୍ ନିୟମ ଉଲ୍ଲଂଘନ ହୋଇଛି। ଏ ନେଇ ପୋଲିସ ଗୁରୁବାର ନିଜ ଆଡୁ ମାମଲା (ନଂ.୧୩୬/୨୧) ରୁଜୁ କରିଛି। ସୂଚନା ମୁତାବକ, ବୁଧବାର ରାତିରେ ଥାନା ଅନ୍ତର୍ଗତ ଗଡ଼ ଗ୍ରାମର ସୂର୍ଯ୍ୟମଣି ସାହୁଙ୍କ ପୁତ୍ର ବିବାହ ଶୋଭାଯାତ୍ରା ବାଲିଡିଆ ଯାଇଥିଲା। ଶୋଭାଯାତ୍ରାରେ ୫୦ରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ସାମାଜିକ ଦୂରତା ରହି ନ ଥିଲା କି ମୁହଁରେ କେହି ମାସ୍କ ପିନ୍ଧି ନ ଥିଲେ। ଏହାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରୁ ପୋଲିସ ମାମଲା ରୁଜୁ କରିଛି ବୋଲି ଥାନାଧିକାରୀ ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି।

### ସଂକ୍ରମିତଙ୍କ ମୃତଦେହ ଦାହ ପାଇଁ ପ୍ରଶାସନିକ କମିଟି

କୁଜଙ୍ଗ,୧୩।୫(ଡି.ଏନ୍.ଏ.):କରୋନା ସଂକ୍ରମିତଙ୍କ ମୃତଦେହ ଦାହ ସମୟରେ ସମସ୍ୟା ନ ଉପୁଜିବା ପାଇଁ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ କୁଜଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ୧୫ ଜଣିଆ କମିଟି ଗଠନ କରାଯାଇଛି। କମିଟିରେ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ଅତିରିକ୍ତ ତହସିଲଦାର ତଥା କୋଭିଡ୍ ଏନ୍‌ଫୋର୍ସମେଣ୍ଟ ଅଧିକାରିଣୀ ଡ. ପୂଜା ଲେଙ୍କା, କୁଜଙ୍ଗ ବିଡିଓ ଅମିୟ କୁମାର ପଣ୍ଡା, ପରମବ୍ରହ୍ମ ରାଉତ, ପାରାଦୀପଗଡ଼ ସରପଞ୍ଚ ମିହିର ରଞ୍ଜନ ସାହୁ, କୁଜଙ୍ଗ ସରପଞ୍ଚ ଭାରତ ଭୂଷଣ ନାୟକ, ଅତିରିକ୍ତ ବିଡିଓଙ୍କ ସମେତ ୭ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଭ୍ୟ ଭାବେ ରହିଛନ୍ତି। କରୋନା ସଂକ୍ରମିତଙ୍କ ମୃତ୍ୟୁ ପରେ ଅନେକ ସ୍ଥାନରେ ପରିବାର ଲୋକେ ଓ ଗ୍ରାମବାସୀ ମୃତଦେହ ଛୁଇଁବାକୁ ରାଜି ହେଉନାହାନ୍ତି। ଫଳରେ ମୃତଦେହ ସଂସ୍କାର ହୋଇ ନ ପାରି ବହୁ ସମୟ ଧରି ପଡ଼ି ରହୁଛି। ଏହାକୁ ଦୃଷ୍ଟିରେ ରଖି ଏହି କମିଟି ଗଠନ କରାଯାଇଛି ବୋଲି ପଣ୍ଡା କହିଛନ୍ତି।

# ବେପାରୀଙ୍କ କବ୍‌ଜାରେ ବୋଟ୍ ଆମ୍ବୁଲାନ୍ସ ଘାଟ

ମହାକାଳପଡ଼ା,୧୩।୫(ଡି.ଏନ.ଏ.)



ଖୋଲା ଘାଟ ସମ୍ମୁଖରେ ଗୃହ ନିର୍ମାଣ ସାମଗ୍ରୀ ଗଦା ହୋଇ ରହିଛି।

- ଘାଟ ସମ୍ମୁଖରେ ଗୃହ ନିର୍ମାଣ ସରଞ୍ଜାମ ଗଦା
- ରୋଗୀଙ୍କ ଯାତାୟାତ ପାଇଁ ବାଟ ନାହିଁ

କେନ୍ଦ୍ରାପଡ଼ା ଜିଲା ଉପକୂଳବର୍ତ୍ତୀ ମହାକାଳପଡ଼ା ବ୍ଲକର ବଟିଘର ପଞ୍ଚାୟତ ନଦୀ ନାଳ ଘେରା ହୋଇ ରହିଛି। ସ୍ଥଳପଥରେ ଏହି ପଞ୍ଚାୟତଙ୍କୁ ସଂଯୋଗ ନ ଥିବାରୁ ବିଚ୍ଛିନ୍ନାଞ୍ଚଳ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବା ପହଞ୍ଚିବା ନିମନ୍ତେ ରାଜ୍ୟ ସରକାର ସ୍ୱତନ୍ତ୍ର ବୋଟ୍ ଆମ୍ବୁଲାନ୍ସ ସେବା କାର୍ଯ୍ୟକାରୀ କରୁଛନ୍ତି। ହେଲେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟବସାୟୀ ବୋଟ୍ ଆମ୍ବୁଲାନ୍ସ ଖୋଲା ଘାଟ ସମ୍ମୁଖରେ ବିଭିନ୍ନ ଗୃହ ନିର୍ମାଣ ପାଇଁ ବାଲି, ଗୋଡ଼ି, ଇଟା, ମେଟାଲ ସମେତ ଟ୍ରାକ୍ଟର ରଖୁଛନ୍ତି। କେତୋଟି ବଡ଼ ମାଲ ବୋଝେଇ ଡଙ୍ଗା ନଙ୍ଗର ପକାଇ ରଖାଯାଇଛି। ଏହି ଡଙ୍ଗା ସାହାଯ୍ୟରେ ଗୃହ ନିର୍ମାଣ ସାମଗ୍ରୀକୁ ବଟିଘର ପଞ୍ଚାୟତକୁ ନିଆଯାଇଥାଏ। ଫଳରେ ସ୍ଥାନୀୟ ରୋଗୀ ଏହି ବୋଟ୍ ଆମ୍ବୁଲାନ୍ସ ଘାଟକୁ ଆସିବାରେ ସମସ୍ୟା ହେଉଛି। ରୋଗୀମାନେ ଏଠାକୁ ଆସି ଫେରି ଯାଉଛନ୍ତି। ଆମ୍ବୁଲାନ୍ସ ବୋଟ୍ କର୍ମଚାରୀ ବାରମ୍ବାର ଅନୁରୋଧ କଲେ ମଧ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି।

ଖୋଲା ଘାଟରୁ ବୋଟ୍ ଆମ୍ବୁଲାନ୍ସ ବଟିଘର ପଞ୍ଚାୟତ ରୋଗୀଙ୍କୁ ନେଇ ପାରାଦୀପ, ମହାକାଳପଡ଼ା, କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ଯିବା ପାଇଁ ଖରିନାସି, ଜମ୍ବୁ ଘାଟରେ ଛାଡ଼ିଥାଏ। ପରେ ଅନ୍ୟ ଆମ୍ବୁଲାନ୍ସରେ ଅସୁସ୍ଥ ରୋଗୀଙ୍କୁ ବିଭିନ୍ନ ହସ୍ପିଟାଲକୁ ନିଆଯାଏ। ଏହି ଅଞ୍ଚଳଟି ନଦୀ ନାଳ ଘେରା ହୋଇଥିବାରୁ ଗୁରୁତର ରୋଗୀଙ୍କୁ ବୋଟ୍ ଆମ୍ବୁଲାନ୍ସ ହିଁ ଶେଷ ଭରସା। ବୋଟ୍ ଆମ୍ବୁଲାନ୍ସ ସେବା ସନ୍ଧ୍ୟା ପରେ ବନ୍ଦ ରହିଥାଏ। ଅନେକ ସମୟରେ ଗୁରୁତର ରୋଗୀ ରାତିରେ ବୋଟ୍ ଆମ୍ବୁଲାନ୍ସ ଘାଟରୁ ଫେରିବାକୁ ପଡିଛି ବୋଲି କେତେଜଣ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି। ଏ ନେଇ ବଟିଘର ସରପଞ୍ଚ ଦେବବ୍ରତ ମାଇତିଙ୍କୁ ପଚାରିବାରେ ପୂର୍ବରୁ ବହୁ ଅଭିଯୋଗ କରିଥିଲେ ମଧ ଦାୟିତ୍ୱରେ ଥିବା ଅଧିକାରୀ ଓ ଘାଟ ଆଗରେ ଗୃହ ନିର୍ମାଣ ସାମଗ୍ରୀ ରଖିଥିବା ବ୍ୟବସାୟୀ ଶୁଣୁନାହାନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ସ୍ୱାସ୍ଥ୍ୟ ବିଭାଗ ଡିପିଏମ୍ ପ୍ରକାଶ ବାନାର୍ଜୀଙ୍କୁ ପଚାରିବାରେ ଏ ସଂକ୍ରାନ୍ତରେ ଅବଗତ ଅଛୁ। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି ବୋଲି ସେ କହିଛନ୍ତି। ମହାକାଳପଡ଼ା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡାଙ୍କୁ ପଚାରିବାରେ ଘଟଣାସ୍ଥଳ ତଦାରଖ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଅଭିଯୋଗକାରିଣୀଙ୍କୁ ମିଳୁନି ନ୍ୟାୟ

### ମହିଳା କନଷ୍ଟେବଲଙ୍କ ପ୍ରେମ ମାମଲା

କେନ୍ଦ୍ରାପଡ଼ା ଅଫିସ, ୧୩।୫

କେନ୍ଦ୍ରାପଡ଼ା ଜିଲା ପୋଲିସର ଜଣେ ମହିଳା କନଷ୍ଟେବଲଙ୍କ ପ୍ରେମ ଆଳି ଥାନା ଅଞ୍ଚଳର ଜଣେ ପାଣି ପାଇପ ଠିକାଦାରଙ୍କ ସ୍ତ୍ରୀଙ୍କୁ ମହଙ୍ଗା ପଡିଛି। ପୀଡିତା ମହିଳା ଏପ୍ରିଲ ୨୪ରେ ମହିଳା କନଷ୍ଟେବଲ ଓ ତାଙ୍କ ସ୍ୱାମୀଙ୍କ ନାମରେ ଆଳି ଥାନାରେ ଅଭିଯୋଗ କରିଥିଲେ ମଧ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ। ଅଭିଯୋଗକାରିଣୀ ପୀଡିତା ମହିଳା, ଆର୍ନ୍ତଜାତୀୟ ମାନବାଧିକାର ପରିଷଦର ରାଜ୍ୟ ସଭାପତି ସସ୍ମିତା ଦାସ, କେନ୍ଦ୍ରାପଡ଼ା ଜିଲା ସଭାପତି ପ୍ରତାପ ଚନ୍ଦ୍ର ପାଢୀ ପ୍ରମୁଖ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଦାବି କରି ଏସ୍‌ପିଙ୍କୁ ଏକ ସ୍ମାରକପତ୍ର ଗୁରୁବାର ପ୍ରଦାନ କରିଛନ୍ତି।

ଅଭିଯୋଗକାରିଣୀ ପୀଡିତା ମହିଳା କହିଛନ୍ତି, ସେ ଆଳି ଥାନା ଅଞ୍ଚଅଳର ଜଣେ ପାଣି ପାଇପ ଠିକାଦାରଙ୍କୁ ୨୦୧୮ ରେ ବିବାହ କରିଥିଲେ। ବିବାହ ପରେ ଠିକାଦାର ସ୍ୱାମୀ ଓ ଥାନାର ଜଣେ ମହିଳା କନଷ୍ଟେବଲଙ୍କ ପ୍ରେମ ସମ୍ପର୍କ ଖବର ମିଳିଥିଲା। ପରେ ଏ ନେଇ ତନାଘନା କରିବାରୁ ଉଭୟଙ୍କ ଅଶ୍ଳୀଳ ଭିଡିଓ ସ୍ୱାମୀଙ୍କ ମୋବାଇଲ ଫୋନରେ ଦେଖିବାକୁ ପାଇଥିଲେ। କୌଣସି ପ୍ରକାର ବୁଝାଶୁଝା କରିବାରୁ ଠିକାଦାରଙ୍କ କର୍ମସ୍ଥଳି ହାଇଦ୍ରାବାଦ ଉଭୟ ସ୍ୱାମୀ ସ୍ତ୍ରୀ ଯାଇଥିଲେ। ତେବେ ଏ ସମ୍ପର୍କରେ ମହିଳା କନଷ୍ଟେବଲ ଜାଣିବା ପରେ ଫୋନରେ ଧମକ ଦେବା ସହ ଗାଳିଗୁଲଜ କରିଥିଲେ। ତାଙ୍କ ନିକଟରେ ଥିବା ଭିଡିଓକୁ ଭାଇରାଲ କରାଇ ଦେବାକୁ କହିବା ପରେ ଠିକାଦାର ସ୍ୱାମୀ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେଇଥିଲେ। ଏପରି କି ପ୍ରେମିକା କଥାରେ ପଡି ସ୍ତ୍ରୀଙ୍କ ଗର୍ଭ ନଷ୍ଟ କରାଇଥିଲେ। ଗତ ଏପ୍ରିଲ ୨୪ରେ ହାଇଦ୍ରାବଦାରୁ ଉଭୟ ଫେରିଥିବା ବେଳେ ସ୍ତ୍ରୀଙ୍କୁ ଜୀବନରୁ ମାରିଦେବା ପାଇଁ ଉଦ୍ୟମ ହୋଇଥିଲା। ଏହି ମହିଳା କନଷ୍ଟେବଲ ଏବେ ଆଳି ଥାନାରୁ ଅନ୍ୟ ଥାନାକୁ ସ୍ଥାନାନ୍ତର ହୋଇଛନ୍ତି। ତେବେ ବୈବାହିକ ଜୀବନ ନଷ୍ଟରୁ ରକ୍ଷା ପାଇଁ ମହିଳା କନଷ୍ଟେବଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସେ ଚାହାନ୍ତି ବୋଲି ଠିକାଦାରଙ୍କ ସ୍ତ୍ରୀ କହିଛନ୍ତି। ଏ ସମ୍ପର୍କରେ ଏଏସ୍‌ପି ବ୍ରହ୍ମାନନ୍ଦ ଗାଗାରିନ ମହାନ୍ତି କହିଛନ୍ତି, ଅଭଯୋଗକୁ ଭିତ୍ତିକରି ଆଳି ଥାନାରେ ନଂ. ୧୩୦/୨୧ରେ ମାମଲା ରୁଜୁ ହୋଇଛି। ମାମଲାର ପ୍ରାଥମିକ ତଦନ୍ତ ସରିଥିବା ସେ ପ୍ରକାଶ କରିଛନ୍ତି।

## ବିପିଏମ୍ ଗୁରୁତର, ଦୁଇ ଅଟକ

ରାଜନଗର, ୧୩।୫(ଡି.ଏନ.ଏ.)



ଆହତ ରଶ୍ମିରଞ୍ଜନଙ୍କ ଚିକିତ୍ସା ଚାଲିଛି।

**ରାତିରେ ଘରେ ପଶି ଆକ୍ରମଣ**

ରାଜନଗର ବ୍ଲକର ଓଡ଼ିଶା ଜୀବିକା ମିଶନର ସଂଯୋଜକ (ବିପିଏମ୍) ରଶ୍ମି ରଞ୍ଜନ ଦାଶଙ୍କୁ ତାଙ୍କ ଘର ଭିତରେ ପଶି ଦୁର୍ବୃତ୍ତମାନେ ଭୁଜାଲିରେ ଆକ୍ରମଣ କରିଛନ୍ତି। ଦୁର୍ବୃତ୍ତମାନେ ବୁଧବାର ରାତି ପ୍ରାୟ ସାଢେ ୩ ଟାରେ ବିଡିଓ ଓ ଆଇଆଇସି ଡାକୁଛନ୍ତି କହି ବିପିଏମ୍ ଦାଶଙ୍କୁ ଫୋନ କରି ଉଠାଇ ମରଣାନ୍ତକ ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ ରଶ୍ମିରଞ୍ଜନଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ରାଜନଗର ଥାନା ପୋଲିସ ଏହି ଘଟଣାରେ ୨ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି।

ରଶ୍ମିରଞ୍ଜନଙ୍କ ସ୍ତ୍ରୀ ସ୍ୱାଗତିକା ପତିଙ୍କ ଅଭିଯୋଗ ମୁତାବକ, ବୁଧବାର ରାତିରେ ୫ରୁ ୭ଜଣ ଯୁବକ ରାଜନଗରସ୍ଥିତ ବାସଭବନ କବାଟ ବାଡେଇ ଥିଲେ। ରାଜନଗର ବିଡିଓ ଓ ଆଇଆଇସି ଘର ବାହାରେ ଅପେକ୍ଷା କରିଛନ୍ତି ରଶ୍ମିରଞ୍ଜନଙ୍କୁ ଡାକିବାକୁ କହିଥିଲେ। ପ୍ରଥମ ମହଲାରେ ଶୋଇଥିବା ରଶ୍ମିରଞ୍ଜନଙ୍କ ବାପା କବାଟ ଖୋଲି ନ ଥିଲେ। ପରେ ଦୁର୍ବୃତ୍ତମାନେ ରଶ୍ମିରଞ୍ଜନଙ୍କୁ ଫୋନ କରି ବିଡିଓ, ଆଇଆଇସି ଡାକୁଥିବା କହିଥିଲେ। ସେ ନିଦରୁ ଉଠି ତଳକୁ ଆସି ଗ୍ରୀଲ ଖୋଲିଥିଲେ। ହଠାତ୍ ଦୁର୍ବୃତ୍ତମାନେ ଗ୍ରୀଲ ନିକଟରେ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରୁ ସେ ଖସି ଘର ଭିତରକୁ ପଳାଇ ଥିଲେ। ଦୁର୍ବୃତ୍ତମାନେ ହାତରେ ଖଣ୍ଡା, ଭୁଜାଲି ଓ ଛୁରି ଧରି ଘର ଭିତରେ ବେଡରୁମକୁ ପଶି ରଶ୍ମିରଞ୍ଜନଙ୍କୁ ଚୋଟ ପକାଇ ଥିଲେ। ଏଥିରେ ତାଙ୍କ ବେକ, ହାତ, ମୁଣ୍ଡ ଓ ଗୋଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେ ତଳେ ପଡି ଚିତ୍କାର କରିବାରୁ ପଡୋଶୀ ଉଠି ଲାଇଟ ଦେବାରୁ ଦୁର୍ବୃତ୍ତମାନେ ୪ ଚକିଆ ଗାଡିରେ ବସି ରାଜନଗର ହଂସୁଆ ସେତୁ ଆଡକୁ ପଳାଇଥିଲେ। ପରିବାର ଲୋକେ ଓ ପଡୋଶୀ ରଶ୍ମିରଞ୍ଜନଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ତ୍ରୀ ସ୍ୱାଗତିକାଙ୍କ ଅଭିଯୋଗ ମୁତାବକ, କିଛିଦିନ ତଳେ ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତର ଏମ୍‌ବିକେ ଅର୍ଥ ହଡପ ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। ସେ ପୂର୍ବରୁ ଧମକ ଦେଇଥିଲେ ଯେ ଗୁଣ୍ଡା ଲଗାଇ ରଶ୍ମିରଞ୍ଜନଙ୍କୁ ଜୀବନରୁ ମାରି ଦେବେ। ଏପରି ଆକ୍ରମଣ ସେ ହିଁ କରିଥିବା ତାଙ୍କ ସ୍ୱାମୀ ରଶ୍ମିରଞ୍ଜନ କହିଛନ୍ତି ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ନିଲମ୍ବିତ ମହିଳାଙ୍କ ସହ ତାଙ୍କ ସ୍ୱାମୀ ଓ ଗାଁର ଜଣେ ବ୍ୟକ୍ତିଙ୍କ ସମେତ ଦୁର୍ବୃତ୍ତମାନେ ଏପରି ଆକ୍ରମଣରେ ସାମିଲ ଥିଲେ ବୋଲି ରଶ୍ମିରଞ୍ଜନ ସ୍ତ୍ରୀଙ୍କୁ କହିଛନ୍ତି। ନ୍ୟାୟ ପ୍ରଦାନ ସହ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇ ଦେବାକୁ ସ୍ୱାଗତିକା ପୋଲିସକୁ ନିବେଦନ କରିଛନ୍ତି। ନିଲମ୍ବିତ ମହିଳା, ତାଙ୍କ ସ୍ୱାମୀଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରା ଉଚରା କରୁଛି। ଏସ୍‌ଡିପିଓ ରଞ୍ଜନ କୁମାର ଦେ, ଆଇଆଇସି ତପନ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅପରପକ୍ଷରେ ଏହି ଘଟଣାରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଓ ଦୋଷୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ଗୁରୁବାର ରାଜନଗର ବ୍ଲକ ମିଶନ ଶକ୍ତି ମହାସଂଘ ପକ୍ଷରୁ ଦାବି କରାଯାଇଛି। ମହାସଂଘର ସଭାନେତ୍ରୀ ପ୍ରେମ ମଞ୍ଜୁଳା ପ୍ରଧାନ, ସମ୍ପାଦିକା ମିନତି ନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ରାଜନଗର ବିଡିଓ, ଆଇଆଇସିଙ୍କୁ ଭେଟି ଦାବି କରିଛନ୍ତି।

### ଅମାନିଆଙ୍କ ଦୋକାନ ସିଲ୍, ଜରିମାନା ଆଦାୟ

ଯାଜପୁର ଟାଉନ,୧୩।୫(ଡି.ଏନ.ଏ.)

ସାରା ରାଜ୍ୟରେ ଜାରି ରହିଛି ଲକ୍‌ଡାଉନ। ଏଥିପାଇଁ ସକାଳ ୬ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବାକୁ ନିୟମ ରହିଛି। ମାତ୍ର ଯାଜପୁର ସହରରେ ଏହାର ବ୍ୟତିକ୍ରମ ହୋଇଥିବା ଦେଖି ଯାଜପୁର ପୋଲିସ ଓ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି। ଯାଜପୁର ସହରରେ କେତେଜଣ ଅମାନିଆ ଦୋକାନ ଖୋଲିଥିବା ନଜରକୁ ଆସିବା ପରେ ସେଗୁଡ଼ିକୁ ସିଲ କରାଯାଇଛି। ଯାଜପୁର ଅତିରିକ୍ତ ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାସ ଓ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ରଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ମାସ୍କ ଚେକିଂ କରାଯିବା ସହିତ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଇଛି।

### ଅବସରପ୍ରାପ୍ତ ସୈନିକଙ୍କ ପରଲୋକ

ଚଣ୍ଡିଖୋଲ,୧୩।୫(ଡି.ଏନ.ଏ.)

ଚଣ୍ଡିଖୋଲ ନିକଟସ୍ଥ କଣ୍ଟିଗଡ଼ିଆ ଗ୍ରାମର ଅବସରପ୍ରାପ୍ତ ସୈନିକ ଜ୍ଞାନେନ୍ଦ୍ର କୁମାର ଦାସ(୫୫)ଙ୍କ ପରଲୋକ ଘଟିଛି। ସେ କିଛି ଦିନ ତଳେ ଜ୍ୱରରେ ଆକ୍ରାନ୍ତ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ତାଙ୍କର ମୃତ୍ୟୁ ଘଟିଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ମୃତ୍ୟୁ ଖବର ପ୍ରଚାରିତ ହେବାପରେ ତାଙ୍କ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## କରୋନା ବଦଳାଇଦେଲା ଜୀବିକା



ପଦ୍ମନାଭ ରାସ୍ତାରେ ବସି ଆଳୁ, ପିଆଜ ବିକ୍ରି କରୁଛନ୍ତି।

### ଚଟ୍‌ପଟି ବଦଳରେ ଆଳୁ, ପିଆଜ ବିକିଲେ ପଦ୍ମନାଭ

ଆଳି,୧୩।୫(ଡି.ଏନ.ଏ)

କରୋନା ମହାମାରୀ ଜୀବନ ଜୀବିକାକୁ ପ୍ରଭାବିତ କରିଛି। ମହାମାରୀରେ ଜୀବନ ଯାଉଥିବା ବେଳେ ଅନେକେ ଜୀବନଯୁଦ୍ଧରେ ଲଢେଇ ଜାରି ରଖିଛନ୍ତି। କରୋନାର ଦ୍ୱିତୀୟ ଲହର ଆସିବା ପରେ ରାଜ୍ୟ ବାହାରେ କାର୍ଯ୍ୟ କରୁଥିବା ହଜାର ହଜାର ଶ୍ରମିକ ଜୀବିକା ହରାଇ ଗାଁମୁହାଁ ହେବାରେ ଲାଗିଛନ୍ତି। ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟଡାଉନ କଟକଣା ଯୋଗୁ କେତେଜଣ ଛୋଟ ବ୍ୟବସାୟୀ ପେଷିହୋଇ ପଡିଛନ୍ତି। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ହେଉଥିବା ଦୋକାନ ୬ ଘଣ୍ଟା ଖୋଲାଯିବାକୁ ନିୟମ କରାଯାଇଛି। ଛୋଟ ବ୍ୟବସାୟ ମଧ୍ୟରେ ପାନ, ଚା, ଫାଷ୍ଟଫୁଡ, ଜଳଖିଆ, ଚଟ୍‌ପଟି ଦୋକାନ ଆଦି ବନ୍ଦ ରହିଛି। ଫଳରେ ସେମାନେ ଏ କରୋନା ମହାମାରୀ ସମୟରେ ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରୁଛନ୍ତି। ଏଭଳି ପରିସ୍ଥିତିରେ ଦୀର୍ଘ ୪୦ବର୍ଷର ଚଟପଟି ଖାଦ୍ୟ ବ୍ୟବସାୟକୁ ବନ୍ଦ କରି ପରିବାର ଚଳାଇବା ନିମନ୍ତେ ଆଳୁ ପିଆଜ ବିକ୍ରି କରୁଛନ୍ତି ଆଳି ବ୍ଲକ ଗୌଡପାଟଣା ଗାଁର ପଦ୍ମନାଭ ସାମଲ। ପଦ୍ମନାଭ କୁହନ୍ତି, ତାଙ୍କୁ ଯେତେବେଳେ ୧୮ବର୍ଷ ହୋଇଥିଲା ସେବେଠାରୁ ସେ ଚଟପଟି (ମଟର, ଲେମ୍ବୁ, ମିକ୍ସଚର ଅନ୍ୟ ଜିନିଷ ମିଶାଇ) ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ କରୋନା ତାଙ୍କ ୪୦ ବର୍ଷର ବ୍ୟବସାୟକୁ ଆଜି ବନ୍ଦ କରି ଦେଇଛି। ଦୈନିକ ସେ ଚଟପଟି ବ୍ୟବସାୟ କରି ୫୦୦ରୁ ୬୦୦ ଟଙ୍କା ରୋଜଗାର କରୁଥିଲେ। ଯାହା ରୋଜଗାର କରୁଥିଲେ ସେଥିରେ ସ୍ତ୍ରୀ, ଦୁଇ ପୁଅ ଓ ଝିଅଙ୍କ ମୁହଁରେ ଦାନା ଦେଉଥିଲେ। ବ୍ୟବସାୟ କରି ଦୁଇପୁଅଙ୍କୁ ଡିଗ୍ରୀ ଓ ଡିପ୍ଲୋମା ପଢାଇଛନ୍ତି। କରୋନା ସମୟରେ ଚାକିରି ନ ଥିବାରୁ ସେମାନେ ଘରେ ରହି ତାଙ୍କୁ ବ୍ୟବସାୟରେ ସହଯୋଗ କରୁଛନ୍ତି। କିନ୍ତୁ ସରକାରଙ୍କ କଟକଣା ଯୋଗୁ ତାଙ୍କ ଚଟପଟି ବ୍ୟବସାୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି।

## ସଙ୍ଗରୋଧ କେନ୍ଦ୍ରରୁ ୩ ଫେରାର

ନାଉଗାଁ,୧୩।୫(ସ୍ୱ.ପ୍ର)

- ବିଭିନ୍ନ ସ୍ଥାନରେ ବୁଲିବା ସହ ମଦ୍ୟପାନ କରିଥିଲେ
- ୭ ତାରିଖରେ ବେଙ୍ଗାଲୁରୁରୁ ଫେରିଥିଲେ
- କରୋନା ସଂକ୍ରମଣ ବ୍ୟାପିବା ଆଶଙ୍କା

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଘୋଡାଂଶ ପଞ୍ଚାୟତ ଅନ୍ତର୍ଗତ ମୁଗେଇ ସ୍କୁଲରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରୁ ଗୁରୁବାର ମଧ୍ୟାହ୍ନରେ ୩ ଜଣ କରୋନା ସଂକ୍ରମିତ ଫେରାର ହୋଇ ଯାଇଥିଲେ। ଏହା ଜଣାପଡ଼ିବା ପରେ ପୋଲିସ ସେମାନଙ୍କୁ ଖୋଜି ସଙ୍ଗରୋଧକୁ କେନ୍ଦ୍ରକୁ ଫେରାଇ ଆଣିଛି। ଆକ୍ରାନ୍ତମାନେ ବିଭିନ୍ନ ସ୍ଥାନରେ ବୁଲିବା ସହ ମଦ୍ୟପାନ କରିଥିବାରୁ ସଂକ୍ରମଣ ବ୍ୟାପିବା ଆଶଙ୍କା କରାଯାଉଛି।

ସୂଚନା ଅନୁସାରେ, ନାଉଗାଁ ବ୍ଲକର ୩ ଓ କେନ୍ଦ୍ରାପଡ଼ା ଜିଲାର ଜଣେ ଯୁବକ ମେ ୭ରେ ବେଙ୍ଗାଲୁରୁରୁ ଫେରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କ କରୋନା ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ ଜଣ କରୋନା ପଜିଟିଭ୍ ଥିବା ରିପୋର୍ଟରୁ ଜଣାପଡିଥିଲା। ଏହାପରେ ପ୍ରଶସାନ ପକ୍ଷରୁ ୪ ଯୁବକଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା। ମଧ୍ୟାହ୍ନରେ ନାଉଗାଁ ବ୍ଲକର ୨ ଓ କେନ୍ଦ୍ରାପଡ଼ାର ଆକ୍ରାନ୍ତ ଜଣେ ସଙ୍ଗରୋଧ କେନ୍ଦ୍ରରେ ଥିବା ସିକ୍ୟୁରିଟି ଗାର୍ଡକୁ ମାଡ ମାରି ଫେରାର ହୋଇ ଯାଇଥିଲେ। ଏ ସମ୍ପର୍କରେ ନାଉଗାଁ ଥାନାକୁ ଖବର ଦିଆଯିବା ପରେ ପୋଲିସ ସେମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା।

ଅପରପକ୍ଷେ ଆକ୍ରାନ୍ତମାନେ ନାଉଗାଁ ହାଟରେ ଥିବା ଏକ ଢାବାରେ ଖାଇବା ସହ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ବୁଲିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ସ୍ଥାନୀୟ ଅଞ୍ଚଳରେ ହୋଇଥିବାରୁ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି। ସନ୍ଧ୍ୟାରେ ପୋଲିସ ଆକ୍ରାନ୍ତମାନଙ୍କୁ ସ୍ଥାନୀୟ ଅଞ୍ଚଳର ଜଗନ୍ନାଥ ମନ୍ଦିର ନିକଟରୁ ଧରି ସଙ୍ଗରୋଧ କେନ୍ଦ୍ରକୁ ନେଇଛି ବୋଲି ଥାନା ଅଧିକାରୀ ଭରତ ଚନ୍ଦ୍ର ବେହେରା କହିଛନ୍ତି। ବିଡିଓ ରଶ୍ମିରେଖା ମଲିକ ଆମ୍ବୁଲାନ୍ସ ଡକାଇ ସେମାନଙ୍କୁ ଅନ୍ୟ ଏକ ସଙ୍ଗରୋଧ କେନ୍ଦ୍ରରେ ରଖିବା ପାଇଁ ବ୍ୟବସ୍ଥା କରିଛନ୍ତି। ଅପରପକ୍ଷେ କୋଭିଡ ଗାଇଡ ଲାଇନ ଅନୁସାରେ ଏବେ କେବଳ ଖାଇବା ପାଇଁ ପାର୍ଶଲ ଦେବାକୁ ଅନୁମତି ରହିଛି। ହେଲେ ଆକ୍ରାନ୍ତ ଓ ଅନ୍ୟମାନେ ଉକ୍ତ ଢ଼ାବାରେ କିପରି ଯାଇ ଖାଇଲେ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଫୁଟେ ଜାଗାରେ ଅଧ ଫୁଟ୍ ଖୋଳୁଛନ୍ତି

ନାଉଗାଁ,୧୩।୫(ସ୍ୱ.ପ୍ର.)




ଜେସିବି ଲଗାଇ ଗୋବରୀ ନଦୀକୁ ଖନନ କରାଯାଉଛି।

**ଗୋବରୀ ନଦୀ ପୁନରୁଦ୍ଧାର**

- ଯନ୍ତ୍ରୀ କହିଲେ ଆଉ ଥରେ ଖୋଳା ହେବ
- କାମ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଦେଇ ଗୋବରୀ ନଦୀ ପ୍ରବାହିତ ହୋଇଛି। ଏହି ନଦୀକୁ ପୁନରୁଦ୍ଧାର ପାଇଁ ଦୀର୍ଘଦିନ ହେବ ସ୍ଥାନୀୟ ବାସିନ୍ଦା ଦାବି କରି ଆସୁଥିଲେ। ଚାଷୀ ଓ ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଳ ସମ୍ପଦ ବିଭାଗ ପକ୍ଷରୁ ନଦୀର ପୁନରୁଦ୍ଧାର ପାଇଁ ଟେଣ୍ଡର କରାଯାଇ କାମ ଆରମ୍ଭ ହୋଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ନଦୀର ପୁନରୁଦ୍ଧାର କାମ ପାଇଁ ବ୍ୟୟ ଅଟକଳ ୨,୨୫,୭୦,୪୪୭ ଟଙ୍କା ରହିଛି। ହେଲେ ନଦୀକୁ ୧ ଫୁଟ ଖୋଳିବାର ନିୟମ ରହିଛି। କିନ୍ତୁ କାମ କରୁଥିବା ଠିକାଦାର କେଉଁଠି ଅଧ ଫୁଟ ତ କେଉଁଠାରେ ତାହାଠାରୁ କମ ଖୋଳିଥିବା ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ, ଦେବଜ୍ୟୋତି ମହାନ୍ତି, ଆଲୋକ ମହାନ୍ତି, ବସନ୍ତ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ଗାରୋଇଠାରୁ ଚାନ୍ଦଖାଁପାଟଣା ପର୍ଯ୍ୟନ୍ତ କେବଳ ନଦୀର ଉଭୟପାର୍ଶ୍ୱରୁ ଘାସ ସଫା କରାଯିବା ସହ ନାମକୁ ମାତ୍ର ମାଟି ଖନନ କରାଯାଇଛି। ଗୋବରୀ ସଫେଇ ନାଁରେ କେବଳ ଟଙ୍କା ଆତ୍ମସାତ କରିବା ଲକ୍ଷ୍ୟ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସରୋଜ କୁମାର ଦୀକ୍ଷିତଙ୍କୁ ପଚାରିବାରେ ନଦୀ ଥରେ ଖୋଳା ହେବାର ଅବଧି ସରିନାହିଁ। ଥରେ ଖୋଳା ହୋଇଛି, ଠିକାଦାର ଆଉ ଥରେ ଖୋଳିବେ ବୋଲି ସେ କହିଛନ୍ତି। ହେଲେ ଆଗକୁ ଜୁନରେ ମୌସୁମୀ ବର୍ଷା ହେବାର ଆକଳନ କରାଯାଉଛି। ଏଥିସହ ମଝିରେ ମଝିରେ କାଳବୈଶାଖୀ ବର୍ଷା ହେଉଛି। ଏହାଦ୍ୱାରା ନଦୀରେ ପାଣି ଜମି ରହିଛି। ବର୍ଷାଦିନ ପାଖେଇ ଆସୁଥିବା ବେଳେ ଠିକାଦାର ଆଉ କେବେ ଅଧ ଫୁଟ ଖୋଳିବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷ ଜମିରୁ ବର୍ଷାଦିନେ ଉଦ୍‌ବୃତ୍ତ ଜଳ ଗୋବରୀ ନଦୀ ଦେଇ ନିଷ୍କାସିତ ହୋଇଥାଏ। ସେହିପରି ମରୁଡି ବେଳେ ନଦୀରେ ଥିବା ସ୍ଲୁଇଚ ଗେଟକୁ ବ୍ୟବହାର କରି ଚାଷୀମାନେ ଧାନ ଜମିକୁ ପାଣି ମଡାଇଥାନ୍ତି। ଏହି ନଦୀଟି ପୋତି ହେବା ସହ ଆବର୍ଜନାରେ ଭର୍ତ୍ତି ଯୋଗୁ ଠିକ୍ ଭାବେ ପାଣି ନିଷ୍କାସନ ହୋଇ ପାରୁ ନ ଥିଲା। ନଦୀଟି ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ଜଳ ନିକାଶ ବିଭାଜନ ଜଗତ୍‌ସିଂହପୁର ଅଧୀନରେ ଯାଉଛି। ନଦୀର ପୁନରୁଦ୍ଧାର କାମ ପାଇଁ ୨ ଜଣ ଠିକାଦାର ନିର୍ଦ୍ଦେଶାନାମା ପାଇଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଗାରୋଇଠାରୁ ଚାନ୍ଦଖାଁପାଟଣା ଜଣେ ଠିକାଦାରଙ୍କ ଅଧୀନରେ ଥିବାବେଳେ ଚାନ୍ଦଖାଁପାଟଣାଠାରୁ ତୁମ୍ବାଅଣ୍ଡେଇସାହି ଅନ୍ୟ ଜଣେ ଠିକାଦାରଙ୍କୁ କାମ ପାଇଁ ନିର୍ଦ୍ଦେଶାନାମା ପ୍ରଦାନ କରାଯାଇଛି। ସେହିପରି ନଦୀର ଦୁଇପାର୍ଶ୍ୱରେ ମାଟି ପକା ଯାଉଥିବା ବେଳେ ତାହାକୁ ରୋଲିଂ କରାଯାଉ ନ ଥିବା ଦେଖାଯାଉଛି। ବର୍ଷାଦିନେ ଅସରାଏ ବର୍ଷା ହେଲେ ଉକ୍ତ ମାଟି ପୁଣି ନଦୀ ମଧ୍ୟକୁ ପ୍ରବେଶ କରିବ। ନିମ୍ନମାନର କାମ ଯୋଗୁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ସଂକ୍ଷେପରେ

### ଭୋଜିରେ ଚଢ଼ାଉ, ଜରିମାନା ଆଦାୟ

**ଶେରଗଡ,୧୩।୫(ଡି.ଏନ.ଏ.):** ଶେରଗଡ ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ହାଡିଚିରା ଗ୍ରାମରେ ଚାଲିଥିବା ଏକ ବାହାଘର ଭୋଜି ବନ୍ଦ କରାଯାଇଛି। ତହସିଲଦାର ଡ.ଦୟାସିନ୍ଧୁ ପରିଡା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ ସଦଳବଳ ଉକ୍ତ ଗ୍ରାମରେ ପହଞ୍ଚି ଭୋଜି ବନ୍ଦ କରିଥିଲେ। ଭୋଜି ଆୟୋଜକ ସୁବାସ ବିଷୋୟୀଙ୍କଠାରୁ ୫ ହଜାର ଜରିମାନା ଆଦାୟ କରାଯାଇଛି।

### ନୂତନ ଏଡିଏମ୍‌ଙ୍କ ଦାୟିତ୍ୱ ଗ୍ରହଣ

**ଛତ୍ରପୁର,୧୩।୫(ଡି.ଏନ.ଏ):** ଗଞ୍ଜାମ ଜିଲାରେ ନୂତନ ଅତିରିକ୍ତ ଜିଲାପାଳ ଭାବେ ଲୀନା କୁମାରୀ ଖେସ୍ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ୧୯୯୭ ବ୍ୟାଚ୍‌ର ଏହି ଓଏଏସ୍ ଅଫିସର ପୂର୍ବରୁ ସମ୍ବଲପୁର ଓ ଝାରସୁଗୁଡା ଜିଲାରେ ତହସିଲଦାର ଭାବେ କାର୍ଯ୍ୟ କରିଛନ୍ତି। ଗଞ୍ଜାମ ଜିଲାରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କୋଭିଡ୍ ମୁକାବିଲା କାର୍ଯ୍ୟକ୍ରମରେ ସେ କାର୍ଯ୍ୟ କରିବେ ବୋଲି ନୂଆ ଏଡିଏମ୍ କହିଛନ୍ତି। ଏଠାରେ ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟ କରୁଥିବା କବୀନ୍ଦ୍ର କୁମାର ସାହୁଙ୍କ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ସଚିବ ଭାବେ ବଦଳି ହୋଇଛି। ବୁଧବାର ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି।

### ବାଲି ବୋଝେଇ ୨ ଟ୍ରାକ୍ଟର ଜବତ

**ଆସିକା,୧୩।୫(ଡି.ଏନ.ଏ.):** ଗାଙ୍ଗପୁର ଥାନା ଅନ୍ତର୍ଗତ ନେଟେଙ୍ଗା ଗ୍ରାମ ନିକଟରେ ପୋଲିସ ମଙ୍ଗଳବାର ରାତିରେ ବେଆଇନ ଭାବେ ବାଲି ଚାଲାଣ କରୁଥିବା ୨ଟି ଟ୍ରାକ୍ଟରକୁ ଜବତ କରିଛି। ଜବତ ଗାଡିକୁ ଥାନାରେ ଅଟକ ରଖାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ନଂ.୧୯୧/୨୧ ଓ ୧୯୨/୨୧ରେ ଦୁଇଟି ମାମଲା ରୁଜୁ କରାଯାଇଛି।

### କରୋନା ଟିକାକରଣ

**କାଶୀନଗର, ୧୩।୫ (ଡି.ଏନ.ଏ.):** ଗଜପତି ଜିଲା କାଶୀନଗର ଏନଏସି ବିଜୁ କଲ୍ୟାଣ ମଣ୍ଡପରେ କଲ୍ୟାଣ ମଣ୍ଡପରେ ଲୋକଙ୍କୁ ଦ୍ୱିତୀୟ ଡୋଜ କରୋନା ଟିକା ଦିଆଯାଇଛି। ଯେଉଁମାନଙ୍କର ପ୍ରଥମ ଡୋଜର ୪୨ଦିନ ଅତିବାହିତ ହୋଇଯାଇଛି, ସେହିମାନଙ୍କୁ ଟିକାକରଣ କରାଯାଇଛି। ଗୁରୁବାର ମୋଟ ୧୩୦ ଜଣଙ୍କୁ ଟିକା ଦିଆଯାଇଛି। ଟିକାକରଣ କାର୍ଯ୍ୟକ୍ରମରେ ବିଡିଓ ସୀମାଞ୍ଚଳ ମହାନ୍ତି ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟସମ୍ପୂର୍ଣ୍ଣା ରାଉତ ଉପସ୍ଥିତ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ନର୍ସ ଓ କର୍ମଚାରୀମାନେ ଟିକାଦାନ କରିଥିଲେ।

### ଖବରଦାତାଙ୍କୁ ଦିଆଗଲା ଟିକା

**ଗୋଷାଣୀ,୧୩।୫:** ଗୋଷାଣୀ ବ୍ଲକର ସମସ୍ତ ଖବରଦାତାମାନଙ୍କୁ କରୋନା ଟିକା ପ୍ରଥମ ଡୋଜ ବୁଧବାର ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିଆଯାଇଥିଲା। ଟିକା ଦେବା ସମୟରେ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପତିତପାବନ ବାରିକ ଉପସ୍ଥିତ ଥିଲେ। ସେହିପରି ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦ୍ୱିତୀୟ ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଟିକା ଗୁରାଣ୍ଡି, ଗାରାବନ୍ଧ, ଆଙ୍କୁଡୁ ଓ ଆଖପାଖ ଗ୍ରାମବାସୀ ନେଇଥିଲେ। ଟୀକା ଆସିଥିବା କେତେକ ଗ୍ରାମବାସୀ ଜାଣିପାରିନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ।

### ଗାଁରେ ପହଞ୍ଚିଲା ରାଜସ୍ୱ ରଥ

**କବିସୂର୍ଯ୍ୟନଗର,୧୩।୫:** କରୋନା ଯୋଗୁ ଗରିବଙ୍କ ଜୀବିକା ଉଜୁଡି ଗଲାଣି। ଅନ୍ୟପଟେ କୋଭିଡ୍ କଟକଣା ଯୋଗୁ ବିଭିନ୍ନ ଅଫିସ ବନ୍ଦ ରହିଛି। ଗଞ୍ଜାମ ଜିଲା ପ୍ରଶାସନ ଲୋକଙ୍କ ପାଖରେ ରାଜସ୍ୱ ସେବା ପହଞ୍ଚାଇବା ପାଇଁ ଉଦ୍ୟମ କରିଛନ୍ତି। ଏ ନେଇ ଗୁରୁବାର ଗାଁରେ ରାଜସ୍ୱ ରଥ ପହଞ୍ଚିଛି। ଏଥିଯୋଗୁ ଘର ପାଖରେ ତହସିଲ ଅଧିକାରୀ ଆସି ସେବା ଯୋଗାଇବେ। କବିସୂର୍ଯ୍ୟନଗର ତହସିଲଦାର ପ୍ରକାଶ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ରାଜସ୍ୱ ପରିଦର୍ଶକ ପ୍ରଦୀପ କୁମାର ଜାନି, ବରିଷ୍ଠ ରାଜସ୍ୱ ସହାୟକ ଚିତ୍ରସେନ ସାମଲ, ରାଜସ୍ୱ ନିରୀକ୍ଷକ ଶଙ୍କର ବେହେରା ପ୍ରମୁଖ ରାଜସ୍ୱ ସେବା ଲୋକଙ୍କ ଘର ନିକଟରେ ପହଞ୍ଚାଇଥିଲେ। କବିସୂର୍ଯ୍ୟନଗର ତହସିଲ ଆମ୍ବଶେଖରପୁର ମୌଜାର ଗୁଡ଼ିଆଲି, ଗୁଡ଼ିଆଲି ମେନ ରୋଡ଼, ନୀଳକଣ୍ଠେଶ୍ୱର ରୋଡ଼, ଗାୟତ୍ରୀ ମନ୍ଦିର ରୋଡ଼, ବଡଆଗୁଳ ଆଦି ପହଞ୍ଚିଥିଲେ।

# ରାତି ଅଧରେ ଗୋଦାମ ଘରୁ ପିଡିଏସ୍ ସାମଗ୍ରୀ ଚୋରି

**ନୟାଗଡ଼ ଅଫିସ/ ରଣପୁର,୧୩।୫(ସ୍ୱ.ପ୍ର.)**



ରାତି ଅଧରେ ଗୋଦାମରୁ ପିଡିଏସ୍ ସାମଗ୍ରୀ ବାଇକ୍‌ରେ ନିଆଯାଉଛି।

- ଭିଡିଓ ଭାଇରାଲ ପରେ ଜିଲାପାଳଙ୍କୁ ଫେରାଦ୍
- ତଦନ୍ତ କରୁଛନ୍ତି ୨ ଜଣିଆ ଟିମ୍
- ସନ୍ଦେହରେ ପଞ୍ଚାୟତ ନିର୍ବାହୀ ଅଧିକାରୀ

ରାତି ଅଧରେ ପଞ୍ଚାୟତର ଗୋଦାମ ଘରୁ ଚୋରି ହେଉଥିଲା ପିଡିଏସ୍ ସାମଗ୍ରୀ। ନୟାଗଡ଼ ଜିଲା ରଣପୁର ବ୍ଲକ କେରେଣ୍ଡାଟାଙ୍ଗୀ ପଞ୍ଚାୟତର ଏଭଳି ପିଡିଏସ୍ ସାମଗ୍ରୀ ଚୋରିର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଘୁରି ବୁଲିବା ପରେ ଜିଲାପାଳଙ୍କ ନିକଟରେ ଖାଉଟିମାନେ ଫେରାଦ୍ ହୋଇଛନ୍ତି। ଜିଲାପାଳ ପୋମା ଟୁଡୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ଜୟନ୍ତ କୁମାର ଜେନା ଓ ସବ୍‌ଡିଭିଜିନାଲ ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି ଏହାର ତଦନ୍ତ କରୁଛନ୍ତି। ପ୍ରାଥମିକ ତଦନ୍ତରୁ ଗୋଟିଏ ମାସରେ ୨ କୁଇଣ୍ଟାଲ ୧୦ କେଜି ଚାଉଳ କମ୍ ଥିବା ଜଣାପଡିବା ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଡୁଆରେ ପଡିଛନ୍ତି।

ଭାଇରାଲ ଭିଡିଓରେ ପିଡିଏସ୍ ସାମଗ୍ରୀ ଚୋରି ବେଳେ ସ୍ଥାନୀୟ କେରେଣ୍ଡାଟାଙ୍ଗୀ ପଞ୍ଚାୟତର ସରପଞ୍ଚଙ୍କ ଭାଇ ଓ ଅନ୍ୟ କେତେଜଣ ଲୋକ ବାଇକ୍‌ରେ ସେହି ସାମଗ୍ରୀ ନେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ପଞ୍ଚାୟତର ଜଣେ କର୍ମଚାରୀ ମଧ୍ୟ ଘଟଣାସ୍ଥଳରେ ଠିଆ ହୋଇଛନ୍ତି। ପଞ୍ଚାୟତର ଖାଉଟିମାନେ ପିଡିଏସ୍ ସାମଗ୍ରୀ ପାଉ ନ ଥିବାବେଳେ ରାତି ଅଧରେ ପିଡିଏସ୍ ସାମଗ୍ରୀ ଚୋରି ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଏହି ଘଟଣାରେ ପଞ୍ଚାୟତର ନିର୍ବାହୀ ଅଧିକାରୀ, ପଞ୍ଚାୟତ କର୍ମଚାରୀ ସମେତ ଯୋଗାଣ ବିଭାଗର ବହୁ କର୍ମଚାରୀ ସଂପୃକ୍ତ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ପିଡିଏସ୍ ସାମଗ୍ରୀର ଦାୟିତ୍ୱ ପଞ୍ଚାୟତ ନିର୍ବାହୀ ଅଧିକାରୀ ବୁଝିଥାନ୍ତି। ତାଙ୍କ ପାଖରେ ଗୋଦାମ ଘର ଚାବି ରହିଥାଏ। ପଞ୍ଚାୟତର ଗୋଦାମ ଘରୁ ଚୋରି ହୋଇଛି ଅଥଚ ଏଯାବତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଥାନାରେ ଅଭିଯୋଗ କରି ନାହାନ୍ତି। ପୁଣି ଗୋଦାମ ଘର ଚାବି ସରପଞ୍ଚଙ୍କ ଭାଇଙ୍କ ପାଖକୁ କିପରି ଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନିଲ ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି, ଗୋଦାମ ଘରର ଗୋଟିଏ ଚାବି ମୋ ପାଖରେ ରହୁଥିବାବେଳେ ସରପଞ୍ଚଙ୍କ ପାଖରେ ଅନ୍ୟ ଏକ ଚାବି ଥିଲା। ଚୋରି ୩ ତାରିଖରେ ହୋଇଛି। ଏନେଇ ମୁଁ ଥାନାରେ ଅଭିଯୋଗ କରିବି ବୋଲି କହିଛନ୍ତି। ଏହି ଚୋରି ଘଟଣାରେ ମୋର କୌଣସି ହାତ ନାହିଁ ବୋଲି ସେ ସଫେଇ ଦେଇଛନ୍ତି। ତଦନ୍ତକାରୀ ଅଧିକାରୀ ଅତିରିକ୍ତ ଯୋଗାଣ ଅଧିକାରୀ ଜେନା କୁହନ୍ତି, ପ୍ରାଥମିକ ତଦନ୍ତରେ ଗୋଟିଏ ମାସରେ ୨କୁଇଣ୍ଟାଲ ୧୦ କେଜି ପିଡିଏସ୍ ସାମଗ୍ରୀ କମ୍ ଥିବା ହିସାବ କରାଯାଇଛି। ପଞ୍ଚାୟତରୁ ଆବଶ୍ୟକୀୟ କାଗଜାତ ମିଳିନାହିଁ। ସର୍ଭର ଯାଞ୍ଚ କରାଯାଉଛି। ଯାଞ୍ଚ ଶେଷ ପରେ ଜିଲାପାଳଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

# ବିଶୋଧନ ହେଲା ଖଣ୍ଡପଡ଼ା ସହର




ଅଗ୍ନିଶମ କର୍ମଚାରୀମାନେ ସହରକୁ ସାନିଟାଇଜ୍ କରୁଛନ୍ତି।

**ଖଣ୍ଡପଡ଼ା,୧୩।୫(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରର ପ୍ରତି ୱାର୍ଡରୁ କରୋନା ରୋଗୀ ଚିହ୍ନଟ ହେବା ପରେ ସେମାନଙ୍କୁ ନିଜ ଘରେ ସଙ୍ଗରୋଧରେ ରହି ଚିକିତ୍ସିତ ହେବା ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। କେତେଜଣ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଖଣ୍ଡପଡ଼ା କୋଭିଡ୍ ସେଣ୍ଟରକୁ ପଠାଯାଇଛି। ଏହାକୁ ଆଖି ଆଗରେ ରଖି ଖଣ୍ଡପଡ଼ ସହରକୁ ବୁଧବାର ସାନିଟାଇଜ୍ କରାଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀମାନେ ସହରର ମୁଖ୍ୟରାସ୍ତାକୁ ସାନିଟାଇଜ୍ କରିଛନ୍ତି। ହେଲେ ସହରର ଗଳି ରାସ୍ତାରେ ବିଶୋଧକ ପକାଯାଇ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# କରୋନା ସ୍ଥିତି ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଆର୍‌ଡିସି

**ନୟାଗଡ଼ ଅଫିସ,୧୩।୫**

ଗୁରୁବାର କେନ୍ଦ୍ରାଞ୍ଚଳ ଆରଡିସି ତଥା ଜିଲା କୋଭିଡ୍ ପର୍ଯ୍ୟବେକ୍ଷକ ଅନିଲ କୁମାର ସାମଲ ଭର୍ଚୁଆଲ ମଧ୍ୟମରେ ନୟାଗଡ଼ ଜିଲାର କରୋନା ସ୍ଥିତିକୁ ସମୀକ୍ଷା କରିଛନ୍ତି। ଜିଲାର କରୋନା ସ୍ଥିତି ନେଇ ଜିଲାପାଳ ପୋମା ଟୁଡୁଙ୍କ ସହ ସେ ଆଲୋଚନା କରିଥିଲେ। କରୋନା ଟିକାର ପ୍ରଥମ ଡୋଜ ନେଇଥିବା ବ୍ୟକ୍ତି ଯେପରି ୨ୟ ଡୋଜ ନିର୍ଦ୍ଧାରିତ ସମୟରେ ନେବେ ସେଥିପ୍ରତି ପ୍ରାଧାନ୍ୟ ଦେବାକୁ ଆରଡିସି ପରାମର୍ଶ ଦେଇଛନ୍ତି। ଟିକାକରଣ, ଜିଲାର କୋଭିଡ୍ ମନିଟରିଂ ସେଲ, ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ଓ ଡାକ୍ତରୀ ଟିମ୍ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଗୃହ ସଙ୍ଗରୋଧରେ ଥିବା ରୋଗୀଙ୍କୁ ସେବା ଯୋଗାଇବାରେ ଅବହେଳା ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ଫଲୋଅପ୍ ଠିକ୍‌ରେ କରିବାକୁ କହିଥିଲେ। କରୋନା ଟେଷ୍ଟକୁ ଅଧିକ କରିବା, ଅନ୍ୟ ରାଜ୍ୟରୁ ଆସିଥିବା ଶ୍ରମିକମାନଙ୍କ ଉପରେ ନଜରରେ ରଖିବା ସହ ସେମାନଙ୍କ ପାଇଁ କ୍ଲଷ୍ଟର ଟିଏମ୍‌ସି କରାଯାଇଛି। କରୋନାକୁ ରୋକ୍ ଦେବାକୁ ଆବଶ୍ୟକ ଅନୁଯାୟୀ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ କରିବାକୁ ଆରଡିସି କହିଛନ୍ତି। ସେହିପରି ବ୍ଲକ ପ୍ରଶାସନ ଓ ତ୍ରିସ୍ତରୀୟ ପଞ୍ଚାୟତ ଲୋକ ପ୍ରତିନିଧିଙ୍କ ସହ ଆଲୋଚନା କରି ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଉ ଓ ରୋଗ ସମ୍ପର୍କରେ ଲୋକମାନଙ୍କୁ ଅଧିକ ସଚେତନତା କରାଯାଉ ବୋଲି ସେ ପରାମର୍ଶ ଦେଇଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ, ଡିଏଫ୍‌ଓ ଧନରାଜ ଏଚ୍‌ଡି, ଉପଜିଲାପାଳ ଲମ୍ବୋଜିତ ରାଉତ୍, ସିଡିଏମ୍‌ଓ ଶକ୍ତି ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କରିପାରିଲାନି ପ୍ରଶାସନ,କରି ଦେଖାଇଲେ ଲୋକେ

**ଆର.ଉଦୟଗିରି,୧୩।୫(ଡି.ଏନ.ଏ.)**



ଡ୍ରେନ୍ ସଫା କରୁଛନ୍ତି ସାହିବାସିନ୍ଦା।

ପରିବେଶ ସ୍ୱଚ୍ଛ ଲାଗି ସରକାର ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ତାହା କେତେକାଂଶରେ ବାଟ ମାରଣା ହେଉଥିବା ଦେଖିବାକୁ ମିଳିଛି। ଗୋଟିଏ ପଟେ ସାରା ରାଜ୍ୟରେ କରୋନା ତାର କାୟା ବିସ୍ତାର କରି ଅତି କ୍ଷିପ୍ର ଗତିରେ ବଢ଼ି ଚାଲିଥିବା ବେଳେ ପରିବେଶକୁ ସ୍ୱଚ୍ଛ ରଖିବା ଲାଗି ଜିଲା ପ୍ରଶାସନ ତରଫରୁ ବିଭିନ୍ନ ପ୍ରକାର ରଥ ବାହାରି ସଚେତନ କରାଯାଇଛି। କିନ୍ତୁ ସ୍ଥାନୀୟ ପ୍ରଶାସନ ଅଞ୍ଚଳରେ ଥିବା ଡ୍ରେନ୍ ଗୁଡିକ ସଫା ନ କରିବାରୁ ମଇଳା ଜମା ହୋଇ ଏକ ପ୍ରକାର ଦୁର୍ଗନ୍ଧ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲା ଆର. ଉଦୟଗିରି ସହରରେ ଥିବା ସାରଳା ସାହିରେ। ତେବେ ଉକ୍ତ ସାହି ମଧ୍ୟରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଛି। ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଡ୍ରେନ୍ ଦୀର୍ଘଦିନ ଧରି ସଫା ହୋଇ ନ ଥିବାରୁ ସାହିର ଯୁବଗୋଷ୍ଠୀ ନିଜେ ଉକ୍ତ ଡ୍ରେନ୍ ସଫା କରିଥିଲେ। ସ୍ଥାନୀୟ ସରପଞ୍ଚ କହିଛନ୍ତି କରୋନା କଟକଣା ଯୋଗୁ ଡ୍ରେନ୍ ସଫା କାର୍ଯ୍ୟ ଅଟକି ରହିଥିଲା। ଆମେ ସଫା କରିଥାନ୍ତୁ। କିନ୍ତୁ ସେମାନେ ନିଜେ ନିଜେ ସଫା କରିଦେଲେ।

# କରୋନା ନେଲାଣି ୪୮ ଜୀବନ

- ଗୋଟିଏ ଦିନରେ ୩୫୭ ପଜିଟିଭ୍
- କଲସଖମଣରେ ଆଜି ଟିକାକରଣ

**ନୟାଗଡ଼ ଅଫିସ,୧୩।୫**

କରୋନାର ପ୍ରଥମ ଓ ୨ୟ ପର୍ଯ୍ୟାୟ ଲହର ନୟାଗଡ଼ ଜିଲାରୁ ୪୮ ଜୀବନ ନେଇ ସାରିଲାଣି। ମୃତ ତାଲିକାରେ ଭାପୁର ବ୍ଲକର ୨, ଦଶପଲ୍ଲା ବ୍ଲକର ୪, ଗଣିଆ ବ୍ଲକର ୩, ଖଣ୍ଡପଡ଼ା ବ୍ଲକରୁ ୮, ନୟାଗଡ଼ ବ୍ଲକରୁ ୬, ନୂଆଗାଁ ବ୍ଲକରୁ ୨, ଓଡ଼ଗାଁ ବ୍ଲକରୁ ୮, ରଣପୁର ବ୍ଲକରୁ ୯, ନୟାଗଡ଼ ପୌରାଞ୍ଚଳରୁ ୬ ଜଣ ଅଛନ୍ତି। ଅପରପକ୍ଷେ ଗୁରୁବାର ରିପୋର୍ଟରେ ନୟାଗଡ଼ ଜିଲାରେ ୩୫୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨ୟ ଲହରରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୨୪୧ରେ ପହଞ୍ଚିଛି। ଗୁରୁବାର ଚିହ୍ନଟ ୩୫୭ଜଣଙ୍କ ମଧ୍ୟରୁ ଭାପୁର ବ୍ଲକରେ ୨୭, ଦଶପଲ୍ଲା ବ୍ଲକରେ ୧୮, ଗଣିଆ ବ୍ଲକରେ ୩, ଖଣ୍ଡପଡ଼ା ବ୍ଲକରେ ୩୨, ନୟାଗଡ଼ ବ୍ଲକରେ ୩୬, ନୂଆଗାଁ ବ୍ଲକରେ ୯୭, ଓଡ଼ଗାଁ ବ୍ଲକ ୫୨, ରଣପୁର ବ୍ଲକ ୫୮, ନୟାଗଡ଼ ପୌରାଞ୍ଚଳରେ ୩୪ଜଣ ଅଛନ୍ତି। କରୋନାକୁ ରୋକ୍ ଦେବା ପାଇଁ ଚଳିତ ମାସ ୧୦ରୁ ୨ୟ ପର୍ଯ୍ୟାୟ ଟିକାକରଣ ଚାଲିଛି। ଶୁକ୍ରବାର ଏହି ଟିକାକରଣ ଦଶପଲ୍ଲା ବ୍ଲକ କଲସଖମଣ ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନା ଅନୁସାରେ କରୋନାର ପ୍ରଥମ ଓ ୨ୟ ଲହରରେ ୧୦ ହଜାର ୮୮୫ ଲୋକ ଆକ୍ରାନ୍ତ ହୋଇଛନ୍ତି। ସେଥିମଧ୍ୟରୁ ୮ ହଜାର ୬୭୦ (୮୦.୪୮ ପ୍ରତିଶତ) ସୁସ୍ଥ ହୋଇଛନ୍ତି। ଅବଶିଷ୍ଟ ୨୨୧୫ରୁ ୪୮ଜଣଙ୍କ ମୃତ୍ୟୁ ହୋଇସାରିଛି।

# ଖରିଫରେ ୩.୫ ହଜାର କୁଇଣ୍ଟାଲ ବିକ୍ରି ଲକ୍ଷ୍ୟ

**ଦିଗପହଣ୍ଡି,୧୩।୫(ଡି.ଏନ.ଏ.)**

## ଦିଗପହଣ୍ଡି ବ୍ଲକରେ ଧାନ ବିହନ ବିକ୍ରି ଆରମ୍ଭ

ଦିଗପହଣ୍ଡି କୃଷି ଜିଲା କାର୍ଯ୍ୟାଳୟ ପକ୍ଷରୁ ଚଳିତ ଖରିଫ ଧାନ ଚାଷ ପାଇଁ ତତ୍ପରତା ପ୍ରକାଶ କରିଛି। ନିର୍ଦ୍ଧାରିତ ସମୟରେ ସମସ୍ତ ଚାଷୀଙ୍କୁ ସରକାରୀ ମୂଲ୍ୟରେ କିଭଳି ଆବଶ୍ୟକ ମୁତାବକ ବିଭିନ୍ନ କିସମର ଧାନ ବିହନ ମିଳିବ ସେ ନେଇ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିବା କୃଷି ଜିଲା ଅଧିକାରୀ ଭାସ୍କର ଚନ୍ଦ୍ର ପାଢ଼ୀ କହିଛନ୍ତି। ଚଳିତବର୍ଷ ଦିଗପହଣ୍ଡି ବ୍ଲକରେ ୩.୫ ହଜାର କୁଇଣ୍ଟାଲ ଧାନ ବିହନ ବିକ୍ରି ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବ୍ଲକ କୃଷି ଅଧିକାରୀ ଡ଼. ଆନନ୍ଦ ସାସମଲ ଜଣାଇଛନ୍ତି। ଆସନ୍ତା ଶନିବାର ଅକ୍ଷୟ ତୃତୀୟା। କୃଷି ବିଭାଗ ପକ୍ଷରୁ ନିରାଡମ୍ବର ଭାବେ କୋଭିଡ କଟକଣାକୁ ଦୃଷ୍ଟିରେ ରଖି ସୀମିତ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଅଖିମୁଠି ଅନୁକୂଳ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥି ପୂର୍ବରୁ ଦିଗପହଣ୍ଡି ବ୍ଲକର ସମସ୍ତ ପ୍ରାଥମିକ ସେବା ସମବାୟ ସମିତି (ପାକ୍ସ)ଗୁଡିକୁ ଆବଶ୍ୟକ ପରିମାଣର ଧାନ ବିହନ ମହଜୁଦ ରଖିବା ପାଇଁ କୃଷି ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ବ୍ଲକରେ ସର୍ବମୋଟ ୨୩ ଟି ସେବା ସମବାୟ ସମିତି ରହିଛି। ସେଥିମଧ୍ୟରୁ ୪ଟି ସମବାୟ ସମିତି ପକ୍ଷରୁ ଆଗୁଆ ଧାନ ବିହନ ବିକ୍ରି ବ୍ୟବସ୍ଥା ଆରମ୍ଭ ହୋଇସାରିଛି। ଦିଗପହଣ୍ଡି ସେବା ସମବାୟ ସମିତି କାର୍ଯ୍ୟାଳୟରେ ବିହନ ବିକ୍ରି ଶୁଭାରମ୍ଭ କରାଯାଇଥିବା ସମବାୟ ସମ୍ପାଦକ ସୁରେଶ ନନ୍ଦ ଜଣାଇଛନ୍ତି।

ଅନ୍ୟପକ୍ଷରେ ଦିଗପହଣ୍ଡି କ୍ଷୁଦ୍ର ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ଅଧିନରେ ୭୦ରୁ ଉର୍ଦ୍ଧ୍ୱ ଛୋଟବଡ଼ ସେଚପ୍ରକଳ୍ପ ରହିଥିଲେ ମଧ୍ୟ ପ୍ରାୟ ସବୁ ଶୁଖିଲା ପଡିଛି। ମୌସୁମୀରେ ପର୍ଯ୍ୟାପ୍ତ ବର୍ଷା ନ ହେଲେ ପ୍ରାୟ ସମସ୍ତ ଚାଷଜମିରେ ମରୁଡି ପରିସ୍ଥିତି ସୃଷ୍ଟି ହେବ ବୋଲି ଚାଷୀମାନେ ଏବେଠୁ ଆଶଙ୍କା କଲେଣି। ତେଣୁ ଅଞ୍ଚଳର ସମସ୍ତ କ୍ଷୁଦ୍ରସେଚ ପ୍ରକଳ୍ପ ଗୁଡ଼ିକୁ ତୁରନ୍ତ ମରାମତି ପାଇଁ ସ୍ଥାନୀୟ ଉତ୍କଳ ରାଜ୍ୟ କୃଷକ ସଭା ଆଞ୍ଚଳିକ କମିଟି କାର୍ଯ୍ୟକର୍ତ୍ତା ସମୀର ଚନ୍ଦ୍ର ମିଶ୍ରଙ୍କ ସମେତ ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

# ଭୋଜି କରି ଜରିମାନା ଗଣିଲେ

**ଦିଗପହଣ୍ଡି,୧୩।୫(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କଇଠଖେଣ୍ଡି ପଞ୍ଚାୟତର ପେଣ୍ଠା ଗ୍ରାମରେ ବାହାଘର ଭୋଜି ଚାଲିଥିବା ବେଳେ ଦିଗପହଣ୍ଡି ତହସିଲ ପ୍ରଶାସନ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇ ଭୋଜିପାଇଁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଜବତ କରାଯାଇଛି। ଭୋଜି ଆୟୋଜନ କରିଥିବା ବ୍ୟକ୍ତିଙ୍କ ଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ବିଭିନ୍ନ ଗ୍ରାମାଞ୍ଚଳ ମାନଙ୍କରେ କରୋନା କଟକଣାକୁ ଅମାନ୍ୟ କରି ଚାଲିଥିବା ଭଲିବଲ ଓ କବାଡିଖେଳ ଉପରେ ଦିଗପହଣ୍ଡି ତହସିଲ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ଼ ଅତର୍କିତ ଚଢ଼ାଉ କରି ଖେଳ ବନ୍ଦ କରିଛି। ଖେଳରେ ସାମିଲ ଥିବା ପିଲାଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରିବା ପରେ ସେମାନେ କଟକଣା ଅବଧି ମଧ୍ୟରେ ନ ଖେଳିବା ପାଇଁ ଶପଥ କରିଥିବା ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ଜଣାଇଛନ୍ତି।

# ଜଙ୍ଗଲରେ ଦେଶୀ ମଦଭାଟି

**ନୟାଗଡ଼ ଅଫିସ,୧୩।୫**

## ବନବିଭାଗ ନଷ୍ଟ କଲା ୩୫ ଡ୍ରମ୍ ପୋଚ

ନୟାଗଡ଼ ବନଖଣ୍ଡ ନୟାଗଡ଼ ଓ ଖଣ୍ଡପଡା ରେଞ୍ଜର ସୀମାନ୍ତରେ ଥିବା ସାପୁଆ ରିଜର୍ଭ ଫରେଷ୍ଟ କମ୍ପାଣ୍ଟମେଣ୍ଟ-୨ ବେତଖୋଲି ଜଙ୍ଗଲରେ ଦେଶୀ ମଦଭାଟି ଓ ତାର ବିଭିନ୍ନ ଉପକରଣକୁ ନଷ୍ଟ କରିଛି ନୟାଗଡ଼ ବନବିଭାଗ। ଏହି ମଦ ଭାଟି ଉପରେ ବୁଧବାର ନୟାଗଡ଼ ଡିଏଫ୍‌ଓ ଧନରାଜ ଏଚ୍‌ଡି, ନୟାଗଡ଼ ଫରେଷ୍ଟର ସୁଶାନ୍ତ ସ୍ୱାଇଁ, ଶରଧାପୁର ବନସୁରକ୍ଷା ସମିତିର ସଭ୍ୟଙ୍କ ସମେତ ବନବିଭାଗ କର୍ମଚାରୀ ମିଳିତ ଭାବେ ଚଢ଼ାଉ କରି ୩୫ ବଡ ଡ୍ରମ୍‌ରେ ଥିବା ପୋଚକୁ ନଷ୍ଟ କରିଛନ୍ତି। ସେଠାରେ କିଛିଦିନ ହେଲା ଶିଖରପୁର ଅଞ୍ଚଳର କେତେଜଣ ବ୍ୟକ୍ତି ଭାଟି କରି ଦେଶୀ ମଦ ପ୍ରସ୍ତୁତ କରୁଥିଲେ। ଜଙ୍ଗଲରୁ ଗଛ କାଟି ତାକୁ ଜାଳେଣି ରୂପେ ବ୍ୟବହାର କରୁଥିଲେ। ଖବର ପାଇ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବନବିଭାଗର କର୍ମଚାରୀମାନଙ୍କୁ ଦେଖି ଭାଟି ଚଳାଉଥିବା ଲୋକମାନେ ଫେରାର ହୋଇଯାଇଥିଲେ।



ଜବତ ସାମଗ୍ରୀକୁ ପୋଡ଼ି ଦିଆଯାଉଛି।

# ପରୀ ମା’ବାପା ଏବେ ଅସୁରକ୍ଷିତ

**ନୟାଗଡ଼ ଅଫିସ,୧୩।୫**

- ପୋଲିସ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର
- ଡିଜିପିଙ୍କୁ ଅବଗତ କଲେ ଆଇନଜୀବୀ

ନୟାଗଡ଼ର ବହୁଚର୍ଚ୍ଚିତ ପରୀ ହତ୍ୟା ଘଟଣାରେ ପରୀର ମା’ବାପାଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ମିଳୁଥିବା ପୋଲିସ ସୁରକ୍ଷା ବ୍ୟବସ୍ଥା ଗତ ୧୨ ତାରିଖରୁ ପ୍ରତ୍ୟାହାର କରି ନିଆଯାଇଛି। ସୁରକ୍ଷା ଦାୟିତ୍ୱରେ ଥିବା ୨ ପୋଲିସ କର୍ମଚାରୀ ଅନୁପସ୍ଥିତ ରହିବା ପରେ ଏସଂକ୍ରାନ୍ତରେ ଜଣାପଡିଛି। ତେବେ ସୁରକ୍ଷା ପ୍ରତ୍ୟାହାର ନେଇ ପରୀ ମା’ବାପାଙ୍କୁ କୌଣସି ସୂଚନା ଦିଆଯାଇନାହିଁ। ଏତେ ଶୀଘ୍ର ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର ଠିକ୍ ନୁହେଁ ବୋଲି ଆଇନଜୀବୀ ରଣଜିତ୍ ଦାଶ କହିଛନ୍ତି। ଏନେଇ ଦାଶ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅବଗତ କରାଇଛନ୍ତି। ରଣଜିତ୍‌ଙ୍କ ସୂଚନା ଅନୁସାରେ କେଉଁ ଆଧାରରେ ପରୀ ମା’ବାପାଙ୍କଠାରୁ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ପ୍ରତ୍ୟାହାର କରାଗଲା ତାହା ସାର୍ବଜନୀନ ହେବା ଦରକାର। ୧୬୪ ଧାରାରେ ଜମାନବନ୍ଦୀ ରେକର୍ଡ ପାଇଁ ପରୀ ମା’ସୌଦାମିନୀ ସାହୁ ବାପା ଅଶୋକ ସାହୁ ଚିଲଡ୍ରେନ କୋର୍ଟ ଜଜ ତଥା ଅତିରିକ୍ତ ଜିଲା ଦୌରାଜଜଙ୍କ ଅଦାଲତରେ ପିଟିଶନ ଦାଖଲ କରିଥିଲେ। ସେହି ପିଟିଶନ ବିଚାର ପାଇଁ ଧାର୍ଯ୍ୟ ହୋଇଥିବାବେଳେ ସେମାନଙ୍କୁ ଦିଆଯାଇଥିବା ପୋଲିସ ସୁରକ୍ଷା ବ୍ୟବସ୍ଥା କ’ଣ ପାଇଁ ପ୍ରତ୍ୟାହାର କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି।

# ୬୩ ଲକ୍ଷର ପ୍ରକଳ୍ପ, ତଥାପି ମିଳୁନି ପାଣି

**ଗିରିଧାରୀ ପରିଚ୍ଛା**
**ପାରଳାଖେମୁଣ୍ଡି,୧୩।୫(ଡି.ଏନ.ଏ.)**



ଅଚଳ ପଡିଥିବା ପାନୀୟ ଜଳ ପ୍ରକଳ୍ପ।

ଗଜପତି ଜିଲା ରାୟଗଡ ବ୍ଲକ ଅନ୍ତର୍ଗତ ନାରାୟଣପୁର ଗ୍ରାମକୁ ଜଳ ଯୋଗଣ ନିମନ୍ତେ ୬୩ ଲକ୍ଷ ଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମାଣ ହୋଇଥିଲେ ମଧ୍ୟ ସୁଫଳ ମିଳୁନି। ଗ୍ରାମରେ ୪ ଶହରୁ ଉର୍ଦ୍ଧ୍ୱ ପରିବାରର ସମସ୍ୟା ନେଇ ଗୁହାରି କଲେ କେହି କର୍ଣ୍ଣପାତ କରୁନାହାନ୍ତି। ଜଳ ପ୍ରକଳ୍ପ ଆସନ୍ତା ୨୫ ତାରିଖ ମଧ୍ୟରେ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନିଆ ନ ଗଲେ ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିବେ ବୋଲି ନାରାୟଣପୁର ସରପଞ୍ଚ ଯମୁନାଦେବୀ ପ୍ରଧାନ କହିଛନ୍ତି।

ମହେନ୍ଦ୍ରତନୟା ନଦୀରୁ ନାରାୟଣପୁର ଗ୍ରାମକୁ ପୂର୍ବରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ୨୦୧୮ରେ ତିତ୍‌ଲି ବାତ୍ୟାରେ ଏହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଗ୍ରାମକୁ ଜଳ ଯୋଗାଣ ବନ୍ଦ ରହିଥିଲା। ୨୦୧୯ରେ ଜିଲା ଜଳ ଓ ପରିମଳ ବିଭାଗ ପକ୍ଷରୁ ଏକ ଟେଣ୍ଡର ହୋଇଥିଲା। ଏଥିରେ ପାଇପ ଲାଇନ ପାଇଁ ୩୮ ଲକ୍ଷ ଏବଂ ନଦୀରୁ ଜଳ ସଂଗ୍ରହ କରିବା ନିମନ୍ତେ ୫୦ ହଜାର ଲିଟରର ଏକ ଟାଙ୍କି ଏବଂ ଅନ୍ୟାନ୍ୟ ସାମଗ୍ରୀ ବାବଦକୁ ୨୫ ଲକ୍ଷ ଏପରି ମୋଟ ୬୩ ଲକ୍ଷ ବ୍ୟୟବରାଦ କରାଯାଇଥିଲା। ଉକ୍ତ ପ୍ରକଳ୍ପକୁ ସରକାର ଅନୁମୋଦନ କରିଥିବା ସରପଞ୍ଚ କହିଛନ୍ତି। ୨୦୧୯ ଡିସେମ୍ବରରେ ପାଇପ ସଂଯୋଗୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ୨୦୨୦ ଜୁଲାଇରେ ପ୍ରକଳ୍ପର ସମସ୍ତ କାର୍ଯ୍ୟ ସରିଥିଲେ ମଧ୍ୟ ଗ୍ରାମବାସୀଙ୍କ ସମସ୍ୟା ସୁଧୁରିଲାନି। ସରପଞ୍ଚଙ୍କ ଅଭିଯୋଗ କରିଛନ୍ତି ଯେ, ବୋମିକା ଗ୍ରାମ ନିକଟ ନଦୀରୁ ଜଳ ଯୋଗଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ନାରାୟଣପୁର ଗ୍ରାମକୁ ପ୍ରାୟ ୪ କି.ମି. ଦୂର ପାଇପ ବିଛାଯାଇଛି। ସେଥିରୁ ୩୦ ମିଟର ଲୁହା ପାଇପ ଲାଗିଥିବା ବେଳେ ବୋମିକା ଗ୍ରାମରୁ ଦେଉଳା ଛକ ପର୍ଯ୍ୟନ୍ତ ପ୍ରାୟ ୨ କିମି ନିମ୍ନମାନର ପାଇପ ସଂଯୋଗ କରାଯାଇଛି। ତେଣୁ ପାଣି ମୋଟର ଚାଲିଲେ ବାରମ୍ବାର ଉକ୍ତ ନିମ୍ନମାନର ପାଇପ୍ ଫାଟିଯାଉଛି। ଅନ୍ୟପକ୍ଷରେ ସମସ୍ୟା ସମ୍ପର୍କରେ ଅବଗତ ଅଛନ୍ତି ବୋଲି ଜିଲା ଜଳ ଓ ପରିମଳ ବିଭାଗର ନିର୍ବାହୀ ଅଧିକାରୀ ପ୍ରକାଶ ଚନ୍ଦ୍ର ଦାସ କହିଛନ୍ତି। ମରାମତି ନିମନ୍ତେ ଆମ ପାଖରେ ଅନୁଦାନ ନ ଥିବା ମୁଖ୍ୟ କାର୍ଯ୍ୟାଳୟକୁ ଜଣାଇ ଦିଆଯାଇଛି। ଅନୁଦାନ ଆସିଲେ ପ୍ରକଳ୍ପ ମରାମତି ହେବ।